# ପରିବେଶ ସୁରକ୍ଷା ଅଭିଯାନର ଆଲୋଚନାଚକ୍ର




ଭୁବନେଶ୍ୱର, ୨୩/୪(ଇମିସ): ପରିବେଶ ସୁରକ୍ଷା ଅଭିଯାନ ଓ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ ଇନଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ମିଳିତ ଭାବେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଛି। ଇନ୍‌ଷ୍ଟିଚ୍ୟୁଟ୍‌ର ଡିନ୍(ଏକାଡେମିକ୍) ଚିନ୍ମୟ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ପରିବେଶ ସୁରକ୍ଷା ଅଭିଯାନର ଉପସଭାପତି ପ୍ରଫେସର କଲ୍ୟାଣୀ ମହାନ୍ତି, ସାଧାରଣ ସମ୍ପାଦକ ରଘୁନାଥ ପୃଷ୍ଟି, କୋଷାଧ୍ୟକ୍ଷା ନମିତା ମହାପାତ୍ର ଓ ଯୁଗ୍ମସମ୍ପାଦକ ନାରାୟଣ ତ୍ରିପାଠୀ 'ଆୱାର ପାୱାର, ଆୱାର ପ୍ଲାନେଟ୍' ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିର ଉତ୍ପାଦନ କ୍ଷମତାକୁ ତିନି ଗୁଣ ବୃଦ୍ଧି ପ୍ରସଙ୍ଗରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ବିଶ୍ୱବିହାରୀ ଦାସ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅଭୀପ୍ସା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

BHUBANESWAR Edition
Page No.7 April 24, 2025